### ପ୍ରହସନ ପାଲଟିଛି ଭତ୍ତା ଯୋଜନା

# ନୂତନ ଭତ୍ତା ଅପେକ୍ଷାରେ ହଜାର ହଜାର ହିତାଧିକାରୀ

ନରସିଂହପୁର,୧୮।୧୨(ସମିସ):

ନରସିଂହପୁର ବ୍ଲକରେ ମଧୁବାବୁ ପେନସନ ଯୋଜନା ଏବେ ପ୍ରହସନରେ ପରିଣତ ହୋଇଛି। ବ୍ଲକରେ ୧୩ ହଜାର ୯୯୮ ଜଣହିତାଧିକାରୀଇନ୍ଦିରାଗାନ୍ଧୀପେନସନ ଯୋଜନାରେ ୯ ହଜାର ୨୩୮ ହିତାଧିକାରୀଙ୍କୁ ମିଶାଇ ବ୍ଲକରେ ମୋଟ ୨୩ ହଜାର ୨୩୬ ଜଣ ଭତ୍ତା ଯୋଜନାରେ ସାମିଲ ହୋଇ ଭତ୍ତା ପାଉଛନ୍ତି। ଏବେ ବି ନରସିଂହପୁର ବ୍ଲକର ୧୮୨୨ ଜଣ ନୂତନ ହିତାଧିକାରୀ ଭତ୍ତା ପାଇବା ପାଇଁ ବର୍ଷ ବର୍ଷ ଧରି ଆବେଦନ କରି ଅପେକ୍ଷା କରି ବାରମ୍ବାର ଅଭିଯୋଗ କରୁଥିଲେ ମଧ ସେମାନଙ୍କୁ ଭତ୍ତା ମିଳୁ ନ ଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ସେହିପରି ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଏବଂ ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ୩ ହଜାର ୫୦୦ ଟଙ୍କା ଭତ୍ତା ଦେବା ପାଇଁ ସରକାର ଘୋଷଣା କରିଥିଲେ ମଧ ଆଜି ପର୍ଯ୍ୟନ୍ତ ନରସିଂହପୁର ବ୍ଲକର ୨୪୦ ଜଣ ବ୍ରହ୍ମପୁରା ଗ୍ରାମର ଛାଟିଆ ବେହେରା, ଏକଡାଳ ଗ୍ରାମର ଗଙ୍ଗାଧର ଭଞ୍ଜ, ପାଇକ ବାରବାଟୀ ଗ୍ରାମର ମଙ୍ଗରାଜ ବେହେରା, ସରଧାପୁରର ଫୁଲ ନାଏକ, ବାଲିସାହି ରାଧିକା ଦାଶ ପ୍ରମୁଖ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ବାରମ୍ବାର ଗାଡି ଭଡା କରି ହଜାର ହଜାର ଟଙ୍କା ଖର୍ଚ୍ଚ କରି ପଞ୍ଚାୟତ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡୁଥିଲେ ମଧ ସେମାନଙ୍କୁ ବର୍ଦ୍ଧିତ ଟଙ୍କା ମିଳିପାରିନି। ତାଙ୍କର ଆଧାର କାର୍ଡରେ ଟିପ ନେଉନି ବୋଲି ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନି ବୋଲି ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



## ଡିଗିରିଆ ବ୍ଲକ୍‌ରେ ୨ ବର୍ଷ ହେଲା ମିଳିନି

ଟିଗିରିଆ: ଟିଗିରିଆ ବ୍ଲକର ମୋଟ ୧୪ଟି ପଞ୍ଚାୟତର ବହୁ ନୂତନ ଭତ୍ତା ହିତାଧିକାରୀଙ୍କୁ ଦୀର୍ଘ ୨ ବର୍ଷ ଧରି ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେମାନଙ୍କୁ ଶେଷ ଥର ପାଇଁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା। ବ୍ଲକର ମୋଟ ୧୪ ପଞ୍ଚାୟତରୁ ବିଭିନ୍ନ ପ୍ରକାର ଭତ୍ତା ପାଇଁ ମୋଟ ୧୧୫୩ ଜଣ ହିତାଧିକାରୀ ଅନଲାଇନ ବ୍ୟବସ୍ଥାରେ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭୯୨ ଜଣ ବାର୍ଦ୍ଧକ୍ୟ ଭତ୍ତା, ୬୭ ଜଣ ବିଧବା ଭତ୍ତା, ୪୪ ଜଣ ଭିନ୍ନକ୍ଷମ ଭତ୍ତା, ୧୩୧ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଭତ୍ତା, ୩୨ ଜଣ ୮୦ ପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତି ଆବେଦନ କରିଥିଲେ ହେଁ ଏ ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ଭତ୍ତା ମିଳିପାରିନାହିଁ। ଫଳରେ ହିତାଧିକାରୀମାନେ ଭତ୍ତା ଟଙ୍କାକୁ ଅନେଇ ଅନେଇ ନାନାଦି ଅସୁବିଧାର ସମ୍ମୁଖିନ ହେଉଥିବାର ସୂଚନା ମିଳିଛି। ଅନ୍ୟପକ୍ଷରେ ଇତିମଧ୍ୟରେ ଅନେକ ବରିଷ୍ଠ ହିତାଧିକାରୀ ଭତ୍ତା ଟଙ୍କାକୁ ଅନେଇ ଅନେଇ ଆଖି ବୁଜିଥିବାର ଗୁରୁତର ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ଏବେ ସୁଦ୍ଧା କୌଣସି ଟାର୍ଗେଟ ନ ଥିବାରୁ ଭତ୍ତା ଟଙ୍କା ପ୍ରଦାନ କରାଯାଇନାହିଁ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ହସ୍ତଗତ ହୋଇଛି।



## ବଙ୍ଗକୁଦ ଓ କୁରାଙ୍ଗପ୍ରଧାନରେ କମ୍ବଳ ବଣ୍ଟନ

ଫୁଲନଖରା,୧୮।୧୨(ସମିସ): କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ବଙ୍ଗକୁଦଠାରେ କାଜିପାଟଣାସ୍ଥିତ ଇଂ ଅଭିଷେକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଟ୍ରଷ୍ଟର ଅଧକ୍ଷ ବିଜନ ପାଳଙ୍କ ତତ୍ତ୍ୱାବଧାନରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ବର୍ଷ ଅସହାୟଙ୍କୁ ସହସ୍ରାଧିକ କମ୍ବଳ ବଣ୍ଟନ କରାଯିବା ସହ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ କମ୍ବଳ ବଣ୍ଟନର ଶେଷ ପର୍ଯ୍ୟାୟରେ ବଙ୍ଗକୁଦସ୍ଥିତ ଖେଳ ପଡିଆରେ ବୃଦ୍ଧ/ବୃଦ୍ଧାଙ୍କୁ ସମାଜସେବୀ ସ୍ୱାଧୀନ ଚେତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଜେନା, କାନନବିହାରୀ ନାୟକ ଓ ଟୁନା ଜେନା ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ସେହିପରି କୁରାଙ୍ଗ ପ୍ରଧାନ ପଞ୍ଚାୟତ ଅନ୍ତର୍ଗତ କୁରୁଣ୍ଟି ଗ୍ରାମରେ ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, ଆଦିତ୍ୟ ଛୋଟରାୟ ଓ ରଶ୍ମିତା ପ୍ରଧାନଙ୍କ ସମେତ ବହୁ ଅତିଥି ଯୋଗ ଦେଇଥିଲେ।

## ବୃତ୍ତି ପରୀକ୍ଷାରେ ସମୀକ୍ଷା ସାଲେପୁର ବ୍ଲକ୍ ଟପ୍ପର

ସାଲେପୁର,୧୮।୧୨(ସମିସ): ସାଲେପୁର ଶିକ୍ଷାମଣ୍ଡଳ ପକ୍ଷରୁ ୨୦୨୫-୨୬ ନିମନ୍ତେ ପଞ୍ଚମ ଶ୍ରେଣୀ ନିମନ୍ତେ ପ୍ରାଥମିକ ଛାତ୍ରବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବ୍ଲକ୍‌ସ୍ତରରେ ସାଲେପୁର ଇଂରାଜୀ ମିଡିୟମ୍‌ର ସ୍କୁଲର ଛାତ୍ରୀ ସମୀକ୍ଷା ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏବେ ସେ ସାଲେପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେ ତାଙ୍କର ସଫଳତା ପାଇଁ ନିଜ ପିତା ତଥା ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ବେହେରା ମାତା ସୁନୀତା ବେହେରାଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।



## ୩ ଅପରାଧୀ ଗିରଫ; ମାରଣାସ୍ତ୍ର ଜବତ

ଆଠଗଡ,୧୮।୧୨(ସମିସ): ଆଠଗଡ଼ ଥାନା ପୁଲିସ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବଡ଼ଭୂଇଁ ଗ୍ରାମରୁ ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବଡ଼ଭୂଇଁ ଗ୍ରାମର ପାଟିଆ, ବାଙ୍କୀ ଥାନା ଅନ୍ତର୍ଗତ ଘୋଳପୁର ଗ୍ରାମର ନିବାରଣ ପ୍ରଧାନ ଓରଫ୍ ପପୁ ଏବଂ ସରୋଜ ଖଟୁଆ। ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତିଙ୍କ ସୂଚନା ମୁତାବକ, ଏହି ଅପରାଧୀମାନଙ୍କ ନାମରେ ଆଠଗଡ଼ ସମେତ ବିଭିନ୍ନ ଥାନାରେ ଏକାଧିକ ସଙ୍ଗୀନ ମାମଲା ପୂର୍ବରୁ ରହିଛି। ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଗୋଟିଏ ଖଣ୍ଡା ଏବଂ ନଗଦ ଦୁଇ ହଜାର ଟଙ୍କା ଜବତ କରିବା ସହ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ସିମେଣ୍ଟ କମ୍ପାନୀର ଟାଳଟୁଳ ନୀତି | କ୍ଷତି ସହୁଛନ୍ତି ଆଞ୍ଚଳିକ ଟ୍ରକ୍ ମାଲିକ

ଟାଙ୍ଗୀ,୧୮।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଟାଙ୍ଗୀ ଥାନା ତଥା ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳୀ ମୌଜାରେ ସ୍ଥାପିତ ସିମେଣ୍ଟ କମ୍ପାନୀ "କପିଳାସ ସିମେଣ୍ଟ ମାନୁଫ୍ୟାକ୍ଚରିଂ ୱାର୍କ୍ସ' କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁଁ ପ୍ରଶାସନିକ ଆଲୋଚନା ସତ୍ତ୍ୱେ ଆଞ୍ଚଳିକ ଟ୍ରକ ମାଲିକ କ୍ଷତି ସହୁଛନ୍ତି। କମ୍ପାନୀ ସ୍ଥାପନ ସଂକ୍ରାନ୍ତ ଜନଶୁଣାଣି ସମୟରେ ପ୍ରଦାନ କରାଯାଇଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ସବୁଥିରୁ ନିରାଶ ହେବାପରେ ଆଞ୍ଚଳିକ ଟ୍ରକମାଲିକ ମହାସଂଘ ୧୭ ଦଫା ଦାବିକୁ ନେଇ ଆସନ୍ତା ୨୩ ତାରିଖ ମଙ୍ଗଳବାରଠାରୁ କମ୍ପାନୀ ମୁଖ୍ୟ ଫାଟକରେ ଗଣଧାରଣା ଦେବା ନିମନ୍ତେ ଚରମ ନିଷ୍ପତ୍ତି ଗ୍ରହଣ କରିଛି। ଏ ସଂକ୍ରାନ୍ତ ସୂଚନା ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଥିବା ସଭାପତି ଅମୂଲ୍ୟ ସାହୁ ଜଣାଇଛନ୍ତି। ପ୍ରକାଶ ଥାଉକି, କଟକ ଜିଲ୍ଲାର ବିଶ୍ୱାଳୀ ଓ ଟାଙ୍ଗୀ ସମେତ ଯାଜପୁର ଜିଲ୍ଲା ବୈରୀ ଓ ଛଡ଼ିଆ ଅଞ୍ଚଳର ଟ୍ରକମାଲିକଙ୍କୁ ନେଇ ଆଞ୍ଚଳିକ ଟ୍ରକ ମାଲିକ ମହାସଂଘ ଗଢିଉଠିଛି। କମ୍ପାନୀ ନିମନ୍ତେ ଜମି ହରାଇଥିବା ବହୁ ବ୍ୟକ୍ତି ସଂଘର ସଦସ୍ୟ ଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ମୌଳିକ ଦାବିକୁ ଅଣଦେଖା କରୁଥିବା ମହାସଂଘ ସଂପାଦକ ବାସୁଦେବ ସ୍ୱାଇଁ ସୂଚନା ଦେଇଛନ୍ତି।

**୨୩ରୁ ଗଣଧାରଣାରେ ବସିବ ମହାସଂଘ**

## ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଟିଗିରିଆ,୧୮।୧୨(ସମିସ): ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ ଟିଗିରିଆର +୩ ପ୍ରଥମ ବର୍ଷ ରାଜନୀତି ବିଜ୍ଞାନ ବିଭାଗ ନବାଗତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟପରିସରରେସ୍ୱାଗତସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର +୩ ଶ୍ରେଣୀ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ବିଜୟ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅମିତ ମିଶ୍ର, ଅଧ୍ୟାପିକା ରଶ୍ମିରେଖା ମଲ୍ଲିକ ଯୋଗଦେଇଥିଲେ। ନୂତନ ଛାତ୍ରଛାତ୍ରୀ ନିଜର ପରିଚୟ ପ୍ରଦାନ ପରେ ବରିଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଆରମ୍ଭହେଲା ଆଠଗଡ଼ ମହୋତ୍ସବ




ଆଠଗଡ଼,୧୮।୧୨(ସମିସ): ଐତିହାସିକ ଆଠଗଡ଼ ସହରରେ ଗୁରୁବାରଠାରୁ ବହୁ ପ୍ରତୀକ୍ଷିତ ଆଠଗଡ଼ ମହୋତ୍ସବ-୨୦୨୫ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଆରମ୍ଭ ହୋଇଛି। ମହୋତ୍ସବର ପ୍ରଥମ ଦିନ ଅପରାହ୍ନରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା, ଯାହା ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ସନ୍ଧ୍ୟା ହେବା ପରେ ମଞ୍ଚରେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଏବଂ ତାଙ୍କ ସାଥୀ କଳାକାରମାନେ ନିଜର ସଙ୍ଗୀତ ମାଧ୍ୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, ଯାହାର ତାଳେ ତାଳେ ଦର୍ଶକମାନେ ଝୁମିଥିଲେ। ତେବେ ମହୋତ୍ସବର ପ୍ରାରମ୍ଭିକ ସନ୍ଧ୍ୟାରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଉଦଘାଟନୀ କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ବ୍ୟକ୍ତି ଏବଂ ମନ୍ତ୍ରୀ ଯୋଗଦେବାର ସ୍ଥିର ହୋଇଥିଲା। ମାତ୍ର କୌଣସି କାରଣବଶତଃ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନେ ସଭାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଅତିଥିଙ୍କ ଆଗମନରେ ବିଳମ୍ବ ସତ୍ତ୍ୱେ କଳାକାରମାନଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ଏବଂ ସାଧାରଣ ଜନତାଙ୍କ ପ୍ରବଳ ଭିଡ଼ ମହୋତ୍ସବର ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଆଗାମୀ ଦିନଗୁଡ଼ିକରେ ଆହୁରି ଅନେକ ରୋମାଞ୍ଚକର କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବାରୁ ସହରବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି।

## ଚୋରା ଚାଲାଣ ଉଦ୍ଦିଷ୍ଟ ୧୨ ଗାଈ ଉଦ୍ଧାର

ଟିଗିରିଆ/ଆଠଗଡ,୧୮।୧୨(ସମିସ): ରାଜ୍ୟ ତଥା ରାଜ୍ୟ ବାହାରକୁ ଗୋ-ମାଂସ ରପ୍ତାନୀ ପାଇଁ ଏକ ପଡ଼ିଆରେ ବନ୍ଧା ହୋଇ ରହିଥିବା ୧୨ ଟି ଗାଈଗୋରୁଙ୍କୁ ଗୁରୁବାର ଟିଗିରିଆ ପୁଲିସ ଏହି ଥାନା ଅଧୀନ ପଙ୍କାଳ ଗ୍ରାମ ନିକଟରୁ ଜବତ କରିଛି। ଗୋ-ମାଂସ ରପ୍ତାନୀ ଉଦ୍ଦେଶ୍ୟରେ ପଙ୍କାଳ ଗ୍ରାମ ନିକଟସ୍ଥ ଏକ ପଡିଆରେ କିଛି ଗାଈଗୋରୁ ବନ୍ଧା ହୋଇଥିବାର ସୂଚନା ପାଇ ସକାଳେ ଟିଗିରିଆ ପୁଲିସ ପକ୍ଷରୁ ସମ୍ପୃକ୍ତ ପଡିଆ ନିକଟରେ ଚଢ଼ଉ କରାଯାଇଥିଲା। ଘଟଣାସ୍ଥଳରେ ପୁଲିସର ଚଢ଼ଉ ଦେଖି ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ ହେଁ ପଡ଼ିଆ ମଧ୍ୟରୁ ଟିଗିରିଆ ପୁଲିସ ୧୨ଟି ଗାଈଗୋରୁଙ୍କୁ ଉଦ୍ଧାର କରି ନିଜ ଆଡୁ ଏକ ମାମଲା ରୁଜୁ କରି ଅଧିକ ଅନୁସନ୍ଧାନ ଚାଲୁରଖିଛି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର




ବଡମ୍ବା,୧୮।୧୨(ସମିସ): ବଡମ୍ବା ମଣ୍ଡଳ ଅନ୍ତର୍ଗତ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ବାଳିକାମାନଙ୍କ ଆତ୍ମରକ୍ଷା ପାଇଁ ୧୦ ଦିବସୀୟ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସହଯୋଗରେ ପ୍ରଶିକ୍ଷିକା ଶ୍ରଦ୍ଧାଞ୍ଜଳି ସାହୁ ଓ ପ୍ରତିଭା ସାହୁ ଆତ୍ମରକ୍ଷା ନିମନ୍ତେ ବାଳିକାଙ୍କୁ ବିଭିନ୍ନ କୌଶଳ ଶିକ୍ଷାଦାନ କରିଥିଲେ। ୧୦ ଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଆଘାତ ଓ ପ୍ରତ୍ୟାଘାତକୁ କିପରି ରୋକିବା ଏବଂ ନିଜକୁ କିପରି ଶତ୍ରୁ କବଳରୁ ବଞ୍ଚାଇପାରିବା ସେହି ଉପରେ ବିଭିନ୍ନ ଉପାୟ କହିଥିଲେ। ଏହି ଶିବିରରେ ଆହୁରି ୨୦ ଦିନ ପ୍ରଶିକ୍ଷଣ ସହ ମୋଟ ୩୦ ଦିନ ପ୍ରଶିକ୍ଷଣ ଦିଆଯିବ ବୋଲି ପ୍ରଶିକ୍ଷିକାଙ୍କ ପକ୍ଷରୁ ସୂଚନା ମିଳିଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶାନ୍ତିଲତା ନାଏକ, ଅନିତା ନାଏକ, ହରପ୍ରିୟା ସାହୁ, ଶୁଭଲକ୍ଷ୍ମୀ ବେହେରା, ଶିକ୍ଷକ ସତୀଶ ମହାନ୍ତି, ଶତ୍ରୁଘ୍ନ ବେହେରା ଓ ବିଜୟ ନାଏକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଯୋଗିତା

ଟିଗିରିଆ,୧୮।୧୨(ସମିସ): ଟିଗିରିଆ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁମ୍ଭୀପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସାଧନ କର୍ମୀ ସବିତା ପଣ୍ଡା, ବିଜୟ ସାହୁ ଓ ଆଇଇଡି ସଞ୍ଜୟ ରତ୍ନ ରାଉତଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା, ସମ୍ମାନିତ ଅତିଥିଭାବେ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ମାଧବଚନ୍ଦ୍ର ଦେହୁରୀ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପାଠ ପଢୁଥିବା ମୋଟ ୪୩ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସାଧନ କର୍ମୀ ରଶ୍ମିତା ଜେନା, ମନୋଜ ରାଉତ, ସମୀର ସାହୁ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ, ଛାତ୍ରଛାତ୍ରୀଙ୍କ ଅଭିଭାବକ, କୁମ୍ଭୀପୁଟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।



## ୧୯୭୯ ବ୍ୟାଚ୍‌ର ବନ୍ଧୁମିଳନ




ସାଲେପୁର,୧୮।୧୨(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଓଡ଼ାସିଙ୍ଗ ଉଚ୍ଚ ବିଦ୍ୟାଳୟ ୧୯୭୯ ମସିହା ବ୍ୟାଚ୍‌ର ବନ୍ଧୁମିଳନ ସମାରୋହ ଓଡ଼ାସିଂହ ଗରୁଡ଼ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ତପନ ବିହାରୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହୃଷିକେଶ ବରାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସରୋଜ ରଥଶର୍ମା, ସମ୍ମାନିତ ଅତିଥି ମନୋରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଶିବ ପ୍ରସାଦ ମହାନ୍ତି, ବକ୍ତା ପ୍ରଦୀପ୍ତ କିଶୋର ଦାଶ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଗତ ଦିନର କାର୍ଯ୍ୟାବଳୀ ଉପରେ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ୨୦୨୬ ମସିହାର କାର୍ଯ୍ୟପନ୍ଥା, ସାମାଜିକ କାର୍ଯ୍ୟ, ଚାରାରୋପଣ, ନିରାଶ୍ରୟମାନଙ୍କୁ କମ୍ବଳ ବଣ୍ଟନ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁପଦ ସାମଲ, ସୁରେନ୍ଦ୍ର ନାଥ ପରିଡ଼ା, ପ୍ରଦୀପ୍ତ ବିଶ୍ୱାଳ, ଅଶୋକ ପରିଡ଼ା, ଜିତେନ୍ଦ୍ର ପରିଡ଼ା, ସ୍ନେହଲତା ମିଶ୍ର, ପଶାରୁଣି ସ୍ୱାଇଁ, ଶ୍ରୀନିବାସ ଷଡ଼ଙ୍ଗୀ, ଅମ୍ବିକା ଦାଶ, ସୁରେନ୍ଦ୍ର ସାହୁ, ଧନେଶ୍ୱର ବେହେରା, ବଟକୃଷ୍ଣ ସାହୁ, ଅବଦୁଲ ସହିଦା ଖାଁ, ରୁଦ୍ରପ୍ରସାଦ ଷଡ଼ଙ୍ଗୀ, ସୁରେନ୍ଦ୍ର ଦାଶ, ନୃସିଂହ ପ୍ରସାଦ ମିଶ୍ର, ବିଜୟ ସେଠୀଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

### ବିଟେକ୍ ୩ଟି ଓ ସ୍କୁଲ ଅଫ ନର୍ସିଂ ୨ଟି ବିଭାଗରେ ଚାମ୍ପିଅନ୍

କଟକ,୧୮।୧୨(ସମିସ):




ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ୨ୟ ବାର୍ଷିକ କ୍ରୀଡା ଉତ୍ସବ ଉତ୍ସବ ଗୁରବାର ଉଦ୍‌ଯାପିତ ହୋଇଛି। ଡ୍ରିମ୍ସ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଦୁଇଦିନ ଧରି ଆୟୋଜିତ ବିବିଧ ଖେଳକୁଦରେ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସମସ୍ତ ଶିକ୍ଷାନୁଷ୍ଠାନ ସହ ଡ୍ରିମ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଆଇଟିଆଇ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସେମାନଙ୍କର କ୍ରୀଡା ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଦଳଗତ କ୍ରୀଡା ଭାବରେ ଥ୍ରୋ ବଲ ଓ କବାଡି (ବାଳିକା ବର୍ଗ) 'ସ୍କୁଲ ଅଫ ନର୍ସିଂ' ଚାମ୍ପିଅନ୍ ହୋଇଥିଲା। ସେହିପରି କବାଡି ଓ ଭଲିବଲ (ବାଳକ ବର୍ଗ) ଏବଂ କ୍ରିକେଟରେ 'ସ୍କୁଲ ଇଂଜିନିୟରିଂ ଓ ଟେକ୍ନୋଲୋଜି (ବି.ଟେକ୍) ୩ଟି ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲା। କ୍ରିକେଟ୍‌ରେ ବି.ଟେକ୍ ଛାତ୍ର ସୌମ୍ୟଜିତ୍ ସ୍ୱାଇଁ 'ମ୍ୟାନ୍ ଅଫ ଦ ମ୍ୟାଚ୍' ଆଖ୍ୟା ଅର୍ଜନ କରି ପୁରସ୍କୃତ ହୋଇଥିଲେ। ଅପରପକ୍ଷରେ ଫୁଟବଲରେ ଉଲ୍ଲେଖନୀୟ ପ୍ରଦର୍ଶନ କରି 'ସ୍କୁଲ ଅଫ ଫାର୍ମାସୀ' ଚାମ୍ପିଅନ ହୋଇଥିଲା। 'ସ୍କୁଲ ଅଫ ଇଂଜନିୟରିଂ ଓ ଟେକ୍ନୋଲୋଜି' ସର୍ବାଧିକ ୩ଟି ଓ 'ସ୍କୁଲ ଅଫ ନର୍ସିଂ' ୨ଟି ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନର ଗୌରବ ବଢାଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି ଭାବରେ ନିଜ ଜନ୍ମ ମାଟିରେ ଡ୍ରିମ୍ସ ଭଳି ବିଶ୍ୱବିଦ୍ୟାଳୟ ସ୍ଥାପନ କରି ଓଡ଼ିଶାବାସୀଙ୍କୁ ଗୌରବାନ୍ୱିତ କରିଥିବାରୁ ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉତ୍ସବରେ ସଭାପତିତ୍ୱ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଲେ, ଓଡ଼ିଶାର ପିଲାମାନେ କୌଣସି ଗୁଣରେ କମ୍ ନୁହଁନ୍ତି, ସେମାନେ ନିଜ ପ୍ରତିଭା ଓ ଦକ୍ଷତାର ପୂର୍ଣ୍ଣ ବିନିଯୋଗ କରି ଦେଶର ଗୌରବ ବଢାଇବାକୁ ଆଗେଇ ଆସିବା ଦରକାର। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଅଧକ୍ଷ ଡ. ରଥ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ଶ୍ରୀ ମହାନ୍ତିଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ବିଭିନ୍ନ ବିଭାଗର ଡିନ୍, ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଉପସ୍ଥିତ ଥିଲେ। କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ଲୋକସଂପର୍କ ଅଧିକାରୀ ନିରାକାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୨୫ ● ପାଉଣ୍ଡ ୧୨୦.୧୪
- ୟୁରୋ ୧୦୬.୦୮ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୩,୬୦୦ (ନୂଆଦିଲ୍ଲୀ)
- ରୁପା : ୨,୨୧,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୪୮୧.୦୦
- ନିଫ୍ଟି ୨୫,୮୧୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ବିଶ୍ୱ ସ୍ୱର୍ଣ୍ଣ ପରିଷଦର ଆକଳନ

# ୨୦୨୬ରେ ଦୁଇ ଲକ୍ଷ ଛୁଇଁବ ସୁନା ଦର

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ଘରୋଇ ବଜାରରେ ହୁ ହୁ ହୋଇ ବଢୁଛି ସୁନା ଓ ରୁପା ଦର। ରକେଟ୍ ବଳି ବଢୁଛି ଏହି ଉଭୟ ଧାତୁର ଦର। ଇତିମଧ୍ୟରେ ରୁପା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ କିଲୋଗ୍ରାମ ପିଛା ୨.୨୪ ଲକ୍ଷ ଟଙ୍କାର ରେକର୍ଡ ସ୍ତର ଅତିକ୍ରମ କରିଛି। ହେଲେ ସୁନା ଓ ରୁପା ମୂଲ୍ୟରେ ବୃଦ୍ଧି ଧାରା ଆଗକୁ ଥମିବାର ନାଁ ଧରୁନାହିଁ। ବଜାର ବିଶେଷଜ୍ଞମାନଙ୍କ ଆକଳନ ଅନୁଯାୟୀ, ଆଗମୀ ଦିନରେ ସୁନା ରୁପା ଓ ମୂଲ୍ୟ ଆହୁରି ବଢ଼ିବ। ଚଳିତବର୍ଷ ଘରୋଇ ବଜାରରେ ସୁନାର ମୂଲ୍ୟ ୬୦%ରୁ ଅଧିକ ଅର୍ଥାତ୍ ୬୫ ହଜାର ଟଙ୍କା ମହଙ୍ଗା ହୋଇଛି। ବୃଦ୍ଧି ପାଇସାରିଛି। ଆଗାମୀ ବର୍ଷ ପାଇଁ ଆହୁରି ବୃଦ୍ଧିର ପୂର୍ବାନୁମାନ କରାଯାଇଛି। କାରଣ ବିଶ୍ୱ ସ୍ୱର୍ଣ୍ଣ ପରିଷଦ ଆକଳନ କରିଛି ଯେ ସୁନାର ମୂଲ୍ୟ ୨୦୨୬ରେ ବର୍ତ୍ତମାନର ସ୍ତରଠାରୁ ପାଖାପାଖି ୩୯ ରୁ ୪୦% ବୃଦ୍ଧି ପାଇପାରେ। ସେହିପରି ବର୍ଷ ୨୦୨୬ରେ ମଧ୍ୟ ରୁପା ମୂଲ୍ୟ ଅଢ଼େଇ ଲକ୍ଷ ସ୍ତ ଛୁଇଁପାରେ।



**ରୁପା ମୂଲ୍ୟ ଅଢ଼େଇ ଲକ୍ଷ ଛୁଇଁବ**

**ଚଳିତବର୍ଷ ସୁନା ୬୫ ହଜାର ମହଙ୍ଗା**

**ରୁପା ବର୍ଷକରେ ୧.୧୫ ଲକ୍ଷ ବଢ଼ିଛି**

**ସୁନା ୧.୩୫ ଲକ୍ଷ, ରୁପା ୨.୨୧ ଲକ୍ଷ**

୨୦୨୫ ଭଳି ୨୦୨୬ରେ ସୁନା ମୂଲ୍ୟରେ ବୃଦ୍ଧି କ୍ଷେତ୍ରରେ ବର୍ତ୍ତମାନର ଧାରା ଜାରି ରହିବ କି ନାହିଁ ତାହା ଏକ ପ୍ରମୁଖ ପ୍ରଶ୍ନ। ଅନେକ ଲୋକ ଏ ନେଇ ଭବିଷ୍ୟବାଣୀ କରୁଛନ୍ତି, କିନ୍ତୁ ଏଥର ଭବିଷ୍ୟବାଣୀ ବହୁତ ଭୟଙ୍କର। ଯଦି ବିଶ୍ୱ ସ୍ୱର୍ଣ୍ଣ ପରିଷଦର ସିଇଓ ଡେଭିଡ୍ ଟେଟ୍‌ଙ୍କ ଆକଳନ ସତ ହୁଏ, ତେବେ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ୬,୦୦୦ ଡଲାର ଅତିକ୍ରମ କରିଯିବ। ଭାରତୀୟ ଟଙ୍କାରେ, ସୁନାର ମୂଲ୍ୟ ୧,୯୦,୦୦୦ରୁ ୨ ଲକ୍ଷ ଟଙ୍କାରେ ପହଞ୍ଚିପାରେ। ସେ କହିଛନ୍ତି ଯେ ସୁନା ମୂଲ୍ୟରେ ଏହି ବୃଦ୍ଧି ହ୍ରାସ ପାଇବାର କୌଣସି ସଙ୍କେତ ଦେଖାଯାଉନାହିଁ। ମୂଲ୍ୟ ୨୦୨୬ରେ ମଧ୍ୟ ଉଚ୍ଚରେ ରହିବ। ଟେଟ୍ କହିଛନ୍ତି ଯେ ସୁନା ମୂଲ୍ୟରେ ଏହି ବୃଦ୍ଧି ପାଇଁ ଅନେକ କାରଣ ଥାଇପାରେ। ସବୁଠାରୁ ବଡ଼ କାରଣ ହେଉଛିସୁନା ଏକ ସୁରକ୍ଷିତ ନିବେଶ ମାଧ୍ୟମ ପାଲଟିବା ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ଦ୍ୱାରା କ୍ରୟ ଓ ଇଟିଏଫ୍‌ରେ ନିବେଶ। ଆଜି ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୧,୩୪,୭୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୨୩,୩୦୦ ଟଙ୍କା ହୋଇଛି।

ଅପରପକ୍ଷେ ଗୁରୁବାର (ଗକ୍ରମାଗତ ଭାବେ ଦ୍ୱିତୀୟଦିନ ପାଇଁ ରୁପା ମୂଲ୍ୟ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଭୁବନେଶ୍ୱରରେ ଆଜି ଗୋଟିଏ ଦିନରେ ରୁପା ମୂଲ୍ୟରେ କିଲୋଗ୍ରାମ ପିଛା ୨,୦୦୦ ଟଙ୍କା ବୃଦ୍ଧି ପାଇ ୨,୨୧,୦୦୦ ରେ ବନ୍ଦ ହୋଇଛି। ଗତକାଲି, ରୁପା ମୂଲ୍ୟ କିଲୋ ପିଛା ୨,୧୯,୦୦୦ ଟଙ୍କା ଥିଲା। ଚଳିତବର୍ଷ ବର୍ଷ ଏ ପର୍ଯ୍ୟନ୍ତ ରୁପା ମୂଲ୍ୟ ୧,୧୫,୨୩୩ ଟଙ୍କା ବୃଦ୍ଧି ପାଇଛି। ରୁପା ମୂଲ୍ୟରେ ବୃଦ୍ଧିର ୪ ପ୍ରମୁଖ କାରଣ। ଶିଳ୍ପ ଚାହିଦାରେ ବୃଦ୍ଧି। ଯଥା ସୌର, ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ ଯାନ (ଇଭି) କ୍ଷେତ୍ରରେ ବ୍ୟାପକ ବ୍ୟବହାର ଯୋଗୁ, ରୂପା ଆଉ ଅଳଙ୍କାର ପର୍ଯ୍ୟନ୍ତ ସୀମିତ ନାହିଁ।

ଟ୍ରମ୍ପଙ୍କ ସମ୍ଭାବ୍ୟ ଶୁଳ୍କ ନୀତିର ଭୟ ଯୋଗୁଁ ଆମେରିକୀୟ କମ୍ପାନୀଗୁଡ଼ିକ ରୁପାର ବିପୁଳ ଷ୍ଟକ୍ ସଂଗ୍ରହ କରୁଛନ୍ତି। ଏହା ବିଶ୍ୱ ଯୋଗାଣ ଉପରେ ଚାପ ପକାଇଛି। ୩ୟ ଟି ହେଉଛି, ଉତ୍ପାଦନ ବନ୍ଦ ହେବାର ଭୟ ଯୋଗୁଁ ନିର୍ମାତାମାନେ ଆଗୁଆ କ୍ରୟ କରୁଛନ୍ତି, ଯାହା ଆଗାମୀ ମାସଗୁଡ଼ିକରେ ଚାହିଦା ବୃଦ୍ଧି କରିବ। ଚତୁର୍ଥ କାରଣ ହେଉଛି, ନିବେଶକମାନେ ରୁପା ଇଟିଏଫ୍ ମାଧ୍ୟମରେ ରୁପାରେ ସେମାନଙ୍କର ନିବେଶ ବୃଦ୍ଧି କରୁଛନ୍ତି, ଯାହା ଚାହିଦାକୁ ଆହୁରି ମଜବୁତ କରୁଛି।

## ପାର୍ଥ ଜିନ୍ଦଲ ସିଏମ୍‌ଏ ସଭାପତି, ଡ. ସିଂଘାଣିଆ ଉପସଭାପତି





ନୂଆଦିଲ୍ଲୀ,୧୮।୧୨: ସିମେଣ୍ଟ ଉତ୍ପାଦନକାରୀଙ୍କ ଶୀର୍ଷ ପରିଷଦ ସିମେଣ୍ଟ ମାନୁଫାକ୍‌ଚରର୍ସ ଆସୋସିଏସନ (ସିଏମ୍‌ଏ) ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡର ଏମ୍‌ଡି ପାର୍ଥ ଜିନ୍ଦଲଙ୍କୁ ସିଏମ୍‌ଏର ନୂତନ ସଭାପତି ଏବଂ ଜେ କେ ସିମେଣ୍ଟ ଲିମିଟେଡର ଏମ୍‌ଡି ଡ. ରାଘବପତ୍ ସିଂଘାଣିଆ ଆସୋସିଏସନର ଉପସଭାପତି ଘୋଷଣା କରିଛି। ଶ୍ରୀ ଜିନ୍ଦଲ ବିଦାୟୀ ସଭାପତି ତଥା ଶ୍ରୀ ସିମେଣ୍ଟ ଲିମିଟେଡର ଏମ୍‌ଡିଙ୍କ ନିକଟରୁ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସିଏମ୍‌ଏ ସଦସ୍ୟଗଣ ସର୍ବସମ୍ମତ କ୍ରମେ ନୂତନ ସଭାପତି ଓ ଉପସଭାପତିଙ୍କ ନାମରେ ମୋହର ମାରିବା ସହିତ ଆସୋସିଏସନର ନେତୃତ୍ୱ ନେବାରେ ଏହି ଦୁଇ ବ୍ୟକ୍ତିତ୍ୱଙ୍କ ଉପରେ ସେମାନଙ୍କର ଆସ୍ଥା ପୁନଃ ଦୃଢତାର ସହିତ ପ୍ରକଟ କରିଥିଲେ। ସିଏମ୍‌ଏ ଇତିହାସରେ ପ୍ରଥମ ଥର ପାଇଁ ଆସୋସିଏସନ ଯୁବ ପିଢିର ସଭାପତି ଓ ଉପସଭାପତିଙ୍କ ଦ୍ୱାରା ପରିଚାଳିତ ହେବ।

## ଭୁବନେଶ୍ୱର ଅଞ୍ଚଳରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୦ତମ ଶାଖା ଖୋଲିଲା



ଭୁବନେଶ୍ୱର, ୧୮।୧୨ (ସମିସ): ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା ନିଆଳିରେ ଖୋଲାଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କଟକ ଜିଲ୍ଲାରେ ମୋଟ ଶାଖା ସଂଖ୍ୟା ୬ରେ ପହଞ୍ଚିଛି। ରାଜ୍ୟରେ ବ୍ୟାଙ୍କର ୬୦ଟି ଏବଂ ଦେଶରେ ୨୬୭୮ଟି ଶାଖା ରହିଛି । ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜିବ କୁମାର ଦାଶ ଏବଂ ନିଆଳି ଶାଖାର ଶାଖା ପ୍ରବନ୍ଧକ ବିନୋଦିନୀ ବେହେରାଙ୍କ ଉପସ୍ଥିତିରେ ନିଆଳି ବିଡିଓ ଧର୍ମ ରଞ୍ଜନ ପଣ୍ଡା ଏହି ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଶାଖା ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ କରିବ। ଏହା ଗ୍ରାହକ ସେବାକୁ ସୁଗମ ଓ ସମୟୋଚିତ ଋଣ ପ୍ରଦାନ କରିବା ସହ ସେହି ଅଞ୍ଚଳର ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଟର୍ଣ୍ଣଆରାଉଣ୍ଡ ସମୟକୁ ହ୍ରାସ କରିବ ଯାହା ଗ୍ରାହକ ସନ୍ତୁଷ୍ଟିକୁ ଆହୁରି ବୃଦ୍ଧି କରିପାରିବ।

ଏଲ୍‌ଟିସିଜି ଟିକସ ଚାପ

## ଏସ୍‌ଆଇପି ବନ୍ଦ କରୁଛନ୍ତି ଭାରତୀୟ ନିବେଶକ

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ଭାରତୀୟ ନିବେଶକମାନେ ପ୍ରାୟତଃ କ୍ଷଣସ୍ଥାୟୀ ଲକ୍ଷ୍ୟ ଏବଂ ଆର୍ଥିକ ସୁରକ୍ଷା ହାସଲ କରିବା ପାଇଁ ଏସ୍‌ଆଇପି (ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍) ବ୍ୟବହାର କରିଥାନ୍ତି। ତଥାପି, ସାମ୍ପ୍ରତିକ ତଥ୍ୟ ଦର୍ଶାଉଛି ଯେ ପ୍ରାୟ ୭୦ ପ୍ରତିଶତ ଏସ୍‌ଆଇପି ୩ ବର୍ଷ ପୂର୍ବରୁ ବନ୍ଦ ହୋଇଯାଉଛି। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହାର ମୁଖ୍ୟ କାରଣ ହେଉଛି ଏଲ୍‌ଟିସିଜି ଟିକସ ହାରରେ ବୃଦ୍ଧି, ଯାହା ବଜାର ଅସ୍ଥିରତା ସହିତ ମିଶି ଦୀର୍ଘକାଳୀନ ନିବେଶକୁ ନିରୁତ୍ସାହିତ କରୁଛି। ଏହି ଧାରା କେବଳ ନିବେଶକମାନଙ୍କର ଦୀର୍ଘକାଳୀନ ଲାଭ ହ୍ରାସ କରୁନାହିଁ ବରଂ ଭାରତରେ ଦୀର୍ଘକାଳୀନ ଭାବରେ ସଞ୍ଚୟ ଏବଂ ଟଙ୍କା ବୃଦ୍ଧି କରିବାର ଅଭ୍ୟାସକୁ ମଧ୍ୟ ଦୁର୍ବଳ କରୁଛି।

ବିଶ୍ଳେଷକଙ୍କ ଅନୁସାରେ, ଅଧିକାଂଶ ନିବେଶକ ଗୁରୁତ୍ୱପୂର୍ଣ୍ଣ ୩ ବର୍ଷର ଅବଧି ପୂରଣ କରିବା ପୂର୍ବରୁ ଏସ୍‌ଆଇପି ବନ୍ଦ କରିଦେଇଥାନ୍ତି। ଏହି ଅବଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ୩ ବର୍ଷ ପରେ, ଏଲ୍‌ଟିସିଜି ଟିକସ ଉପରେ କିଛି ଆଶ୍ୱସ୍ତି ମିଳିଥାଏ। ୨୦୨୪ ଜୁଲାଇରେ ସରକାର ଏଲ୍‌ଟିସିଜି ଟିକସ ହାର ୧୦% ରୁ ୧୨.୫% ଏବଂ କରମୁକ୍ତ ଲାଭ ସୀମା ୧ ଲକ୍ଷ ରୁ ୧.୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ। ଯଦିଓ ଏହି ପରିବର୍ତ୍ତନଗୁଡ଼ିକ ଦୀର୍ଘକାଳୀନ ନିବେଶକଙ୍କ ପାଇଁ ଲାଭଦାୟକ ହୋଇପାରେ, କିନ୍ତୁ ଟିକସ ହାର ବୃଦ୍ଧି ଏବଂ ବଜାର ଅନିଶ୍ଚିତତା କ୍ଷୁଦ୍ର ନିବେଶକଙ୍କ ମଧ୍ୟରେ ତତ୍ପରତା ବୃଦ୍ଧି କରିଛି।

କମ୍ପ୍ଲିଟ୍ ସର୍କଲର ମୁଖ୍ୟ ନିବେଶ ଅଧିକାରୀ ଗୁରମୀତ୍ ଚଢା, ଏଲ୍‌ଟିସିଜି ଟିକସ ଉପରେ ପୁନର୍ବିଚାର କରିବାକୁ ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ, ଯଦି ଟିକସ ହାର ଉଚ୍ଚ ରହିବା ସହ ନିୟମାବଳୀ ଅନିଶ୍ଚିତ ରୁହେ, ତେବେ ନିବେଶକମାନେ ସ୍ୱଳ୍ପକାଳୀନ ସମୟରେ ସେମାନଙ୍କର ଏସ୍‌ଆଇପି ବନ୍ଦ କରିଦେବେ। ଆପ୍ ସାଂସଦ ରାଘବ ଚଢା ସଂସଦରେ ଏହା ମଧ୍ୟ କହିଛନ୍ତି ଯେ ବିଦେଶୀ ନିବେଶକମାନେ ବଜାର ଛାଡିବା ସତ୍ତ୍ୱେ ଘରୋଇ ନିବେଶକମାନେ ଭାରତୀୟ ବଜାରକୁ ସମର୍ଥନ କରିଥିଲେ, କିନ୍ତୁ ଟିକସ ନିୟମ ଦୀର୍ଘକାଳୀନ ନିବେଶକୁ କଷ୍ଟକର କରୁଛି। ସେ ଇଣ୍ଡେକ୍ସେସନ୍ ଲାଭ କାର୍ଯ୍ୟକାରୀ କରିବାକୁ ମଧ୍ୟ ଦାବି କରିଥିଲେ, ଯାହା ମୁଦ୍ରାସ୍ଫୀତି ଉପରେ ଆଧାରିତ ପ୍ରକୃତ ଲାଭ ଉପରେ କର ଲଗାଇ ନିବେଶକମାନଙ୍କୁ ଉତ୍ତମ ରିଟର୍ଣ୍ଣ ପ୍ରଦାନ କରିବ। ବର୍ତ୍ତମାନର ଏଲ୍‌ଟିସିଜି ଟିକସ ନିୟମ ଦୀର୍ଘକାଳୀନ ପାଇଁ ନିବେଶକମାନଙ୍କୁ ସଠିକ୍ ପ୍ରୋତ୍ସାହନ ପ୍ରଦାନ କରେ ନାହିଁ। ଇଣ୍ଡେକ୍ସେସନ୍ ଲାଭର ଅଭାବ ଏବଂ ବର୍ଦ୍ଧିତ ଟିକସ ଭବିଷ୍ୟତ ବିଷୟରେ ନିବେଶକମାନଙ୍କ ପାଇଁ ଚିନ୍ତା ସୃଷ୍ଟି କରେ। ଫଳସ୍ୱରୂପ ଏସ୍‌ଆଇପି ନିବେଶକମାନେ ପ୍ରାୟତଃ ସେମାନଙ୍କ ଲକ୍ଷ୍ୟ ହାସଲ କରିବା ପୂର୍ବରୁ ନିବେଶ ବନ୍ଦ କରିଦେଇଥାନ୍ତି। ଏହା ଭାରତର ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି ସମ୍ଭାବନାକୁ ଦୁର୍ବଳ କରୁଛି ଏବଂ ଦୀର୍ଘକାଳୀନ ଭାବରେ ଦେଶର ଆର୍ଥିକ ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ।

### ଏଲ୍‌ଟିସିଜି ଟିକସ କ'ଣ

ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ କିମ୍ବା ଅନ୍ୟ ବଜାର-ସଂଯୁକ୍ତ ସମ୍ପତ୍ତିରେ ଏକ ବର୍ଷରୁ ଅଧିକ ସମୟ ପାଇଁ ନିବେଶ କରୁଥିବା ନିବେଶକମାନଙ୍କ ପାଇଁ ଦୀର୍ଘକାଳୀନ ପୁଞ୍ଜି ଲାଭ (ଏଲ୍‌ଟିସିଜି) ଟିକସ ଲାଭ ଉପଲବ୍ଧ। ସବୁଠାରୁ ବଡ଼ ସୁବିଧା ହେଉଛି କମ୍ ଟିକସ ହାର ୧.୨୫ ଲକ୍ଷରୁ ଅଧିକ ଲାଭ ଉପରେ ବାର୍ଷିକ କେବଳ ୧୨.୫%, - ଯାହା ନିବେଶକମାନଙ୍କୁ ସେମାନଙ୍କର ଲାଭର ଏକ ବଡ଼ ଅଂଶ ରଖିବାକୁ ସାହାଯ୍ୟ କରେ।

## କ୍ରୋମାର କ୍ରୋମଟାଷ୍ଟିକ୍ ଡିସେମ୍ବର ଅଫର୍

ଭୁବନେଶ୍ୱର,୧୮।୧୨(ସମିସ): ଓମନିଚ୍ୟାନେଲ ଇଲେକ୍ଟ୍ରୋନିକ୍ସ ରିଟେଲର୍ କ୍ରୋମା ପକ୍ଷରୁ ନୂଆବର୍ଷ ଉପଲକ୍ଷେ କ୍ରୋମଟାଷ୍ଟିକ୍ ଡିସେମ୍ବର ସେଲ୍ ଘୋଷଣା କରାଯାଇଛି। ଏହି ସେଲ୍ ୨୦୨୫ ଡିସେମ୍ବର ୧୫ରୁ ଆରମ୍ଭ ହୋଇଛି ଯାହା ୨୦୨୬ ଜାନୁଆରି ୪ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଗ୍ରାହକମାନେ ଇଲେକ୍ଟ୍ରୋନିକ୍ସ, ହୋମ୍ ଆପ୍ଲାଏନ୍‌ସେସ୍ ଆଦିରେ ଶ୍ରେଷ୍ଠ ଡିଲ୍ ପାଇପାରିବେ। ସ୍ମାର୍ଟଫୋନ୍‌ରେ ଗ୍ରାହକମାନେ ୪୦,୯୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ଓ ୧୮୩୩ ଟଙ୍କାର ଇଏମ୍‌ଆଇରେ ଆଇଫୋନ୍ ୧୬; ୩୬,୪୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ଓ ୧୬୦୪ ଟଙ୍କାର ଇଏମ୍‌ଆଇରେ ଆଇଫୋନ୍ ୧୫; ୬୯,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ଓ ୩୩୬୧ ଟଙ୍କାର ଇଏମ୍‌ଆଇରେ ସାମସଙ୍ଗ ଏସ୍୨୫ ଅଲ୍‌ଟ୍ରା; ୯୯,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ଓ ୪୬୩୯ ଟଙ୍କାର ଇଏମ୍‌ଆଇରେ ସାମସଙ୍ଗ ଗାଲାକ୍ସି ଜେଡ୍ ଫୋଲ୍ଡ ଓ ୨୩,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ଓ ୩୦୮୩ ଟଙ୍କାର ଇଏମ୍‌ଆଇରେ ଭିଭୋ ଭି୬୦ କିଣିପାରିବେ। କ୍ରୋମାଟିଷ୍ଟିକ୍ ଡିସେମ୍ବର ସେଲ୍ ସମସ୍ତ କ୍ରୋମା ଷ୍ଟୋର୍‌ରେ ଉପଲବ୍ଧ ହେବ।

ଦମ୍ ବାହାର କଲା ଟଙ୍କା, ବିଦେଶୀ ନିବେଶକ ଦେଲେ ଝଟ୍‌କା

## ବିଶ୍ୱ ବଜାରରେ ଭାରତର ଅଂଶ ୨୯ ମାସରେ ସର୍ବନିମ୍ନ

ମୁମ୍ବଇ,୧୮।୧୨(ଏଜେନ୍ସି): ଚଳିତମାସ ୧୭ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ମିଳିତ ବଜାର ପୁଞ୍ଜି ପ୍ରାୟ ୫.୧୯ ଟ୍ରିଲିୟନ ଡଲାର ରହିଛି। ଏହା ୨୦୨୪ ଡିସେମ୍ବର ର ୫.୧୮ ଟ୍ରିଲିୟନ ଡଲାର ତୁଳନାରେ ପ୍ରାୟ ୦.୫% ପ୍ରତିଶତ ଅଧିକ। ତଥାପି, ଚଳିତ ବର୍ଷ ଷ୍ଟକ୍ ବଜାରରେ ପ୍ରାୟ ୯ ପ୍ରତିଶତ ବୃଦ୍ଧି ଦେଖାଯାଇଛି। ସେନ୍‌ସେକ୍ସ ଏବଂ ନିଫ୍ଟି ଉଭୟ ଏକ ସମୟରେ ସେମାନଙ୍କର ପୂର୍ବ ଶୀର୍ଷ ସ୍ତରକୁ ମଧ୍ୟ ଅତିକ୍ରମ କରିଯାଇଛନ୍ତି। ଚଳିତବର୍ଷ ବିଦେଶୀ ନିବେଶକଙ୍କ ଦ୍ୱାରା ପ୍ରଫିଟ୍ ବୁକିଂ ଏବଂ ଟଙ୍କା ମୂଲ୍ୟରେ ହ୍ରାସ ଷ୍ଟକ୍ ବଜାରକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି। ଉଭୟ ଭାରତୀୟ ଷ୍ଟକ୍ ବଜାର ପାଇଁ ସବୁଠାରୁ ବଡ଼ ଖଳନାୟକ ଭାବରେ ଉଭା ହୋଇଛନ୍ତି। ଏହି ଉଭୟ କାରଣ ଯୋଗୁଁ ବିଶ୍ୱ ବଜାରରେ ଭାରତର ଅଂଶ ୨୯ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଉଲ୍ଲେଖନୀୟ ଯେ, ବିଶ୍ୱ ବଜାରରେ ଭାରତର ଅଂଶ ପ୍ରାୟ ଦେଢ଼ ବର୍ଷ ପୂର୍ବରୁ ଏହାର ଶୀର୍ଷ ସ୍ତରରେ ଥିଲା, ଯେଉଁଠାରୁ ଏହା ପ୍ରାୟ ୧.୨୫ ପ୍ରତିଶତ ହ୍ରାସ ପାଇଛି।

ତଥ୍ୟ ଦର୍ଶାଉଛି ଯେ ବିଶ୍ୱ ଷ୍ଟକ୍ ବଜାରରେ ଭାରତର ଅଂଶ ୩.୪୭ ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୨୩ ଜୁଲାଇ ପରଠାରୁ ସର୍ବନିମ୍ନ ସ୍ତର। ଗତ ବର୍ଷ ଜୁଲାଇ ଶେଷରେ ଏହା ୪.୬୪ ପ୍ରତିଶତରେ ପହଞ୍ଚିଥିଲା। ୨୦୨୪ ଡିସେମ୍ବର ଶେଷରେ ବିଶ୍ୱ ବଜାର ପୁଞ୍ଜିରେ ଭାରତର ଅଂଶ ୪,.୧୮ ପ୍ରତିଶତ ଥିଲା, ଯାହା ୨୦୨୪ ସେପ୍ଟେମ୍ବର ଶେଷରେ ୪.୫ ପ୍ରତିଶତ ଥିଲା।

### ଅଂଶଧନ କମିବାର କାରଣ

୨୦୨୫ରେ ଏପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ୨.୫୬ ଲକ୍ଷ କୋଟିରୁ ଅଧିକ ଷ୍ଟକ୍ ବଜାରରୁ ପ୍ରତ୍ୟାହାର କରିଛନ୍ତି। ଏହା ଉଚ୍ଚ ମୂଲ୍ୟାଙ୍କନ, ଦୁର୍ବଳ ରୋଜଗାର, ଦୁର୍ବଳ ଟଙ୍କା ଏବଂ ବିଶ୍ୱ ପ୍ରତିକୂଳ ପରିସ୍ଥିତି ଯୋଗୁଁ ହୋଇଛି। ଟଙ୍କା ମୂଲ୍ୟରେ ନିରନ୍ତର ହ୍ରାସ ଷ୍ଟକ୍ ବଜାର ଭାବନାକୁ ଯଥେଷ୍ଟ କମ୍ କରିଛି। ବାଣିଜ୍ୟ ଚୁକ୍ତିରେ ଅଗ୍ରଗତି ଅଭାବରୁ ଘରୋଇ ମୁଦ୍ରା ମଙ୍ଗଳବାର ଦିନ ୯୧ ଟଙ୍କାର ଐତିହାସିକ ସ୍ତର ଅତିକ୍ରମ କରିଛି ଏବଂ ଏହା ଖୁବ୍ ଶୀଘ୍ର ୯୧ ଟଙ୍କା ଅଙ୍କରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏ ପର୍ଯ୍ୟନ୍ତ, ଭାରତର ବେଞ୍ଚମାର୍କ ସେନସେକ୍ସ ଏବଂ ନିଫ୍ଟି ଉଭୟ ୯ ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ କି ବ୍ୟାପକ ବଜାରରେ ଏକ ବିପରୀତ ଧାରା ଦେଖାଯାଇଛି। ବିଏସ୍‌ଇ ମିଡକ୍ୟାପ୍ ୦.୫ ପ୍ରତିଶତ ବୃଦ୍ଧି ପାଇଛି,ଏବଂ ବିଏଓ୍ଇ ସ୍ମଲକ୍ୟାପ୍ ୯ ପ୍ରତିଶତ ହ୍ରାସ ପାଇଛି। ଠିକ୍ ଏହାର ବିପରୀତରେ, ବିଶ୍ୱ ଇକ୍ୱିଟି ବଜାର ପୁଞ୍ଜିରେ ସ୍ଥିର ବୃଦ୍ଧି ଦେଖାଯାଇଛି। ଏହା ୨୦୨୪ ଡିସେମ୍ବର ଶେଷରେ ୧୪୭.୫୮ ଟ୍ରିଲିୟନ ଡଲାରର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି, ଯାହା ୧୨୩.୨୧ ଟ୍ରିଲିୟନ ଡଲାରରୁ ୧୯.୪ ପ୍ରତିଶତ ବୃଦ୍ଧି ପାଇଛି। ପ୍ରମୁଖ ବଜାର ମଧ୍ୟରେ ବିଶ୍ୱ ବଜାର ପୁଞ୍ଜିରେ ଆମେରିକାର ଅଂଶ ୨୦୨୫ ରେ ଏ ପର୍ଯ୍ୟନ୍ତ ୪୮% କୁ ହ୍ରାସ ପାଇଛି, ଯାହା ଫେବୃଆରୀ ଆରମ୍ଭରେ ୫୦.୮% ଏବଂ ବର୍ଷ ଆରମ୍ଭରେ ପ୍ରାୟ ୫୦% ଥିଲା।

## କଳିଙ୍ଗ ହସ୍ପିଟାଲ୍‌ରେ ଆଧୁନିକ ଏସ୍ଥେଟିକ୍ ଓ କସ୍ମେଟିକ୍ କ୍ଲିନିକ୍‌ର ଉଦ୍‌ଘାଟନ



ଭୁବନେଶ୍ୱର,୧୮।୧୨(ସମିସ): କଳିଙ୍ଗ ହସ୍ପିଟାଲ୍ ଭୁବନେଶ୍ୱରରେ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ଆଧୁନିକ ଏସ୍ଥେଟିକ୍ ଓ କସ୍ମେଟିକ୍ କ୍ଲିନିକ୍‌ର ଉଦଘାଟିତ ହୋଇଯାଇଛି। ଏହି କ୍ଲିନିକ୍‌କୁ ଓଲିଉଡ୍ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ଲୋକପ୍ରିୟ ଅଭିନେତା ହରିହର ମହାପାତ୍ରଙ୍କ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କଳିଙ୍ଗା ହସ୍ପିଟାଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଏସ୍. ସନ୍ତୋଷ କୁମାର ଡୋରା, ମୁଖ୍ୟ ଆର୍ଥିକ ଅଧିକାରୀ ଏନ୍.ସି. ସ୍ୱାଇଁ, ଅପରେସନ୍ ମୁଖ୍ୟ ନରେନ୍ଦ୍ର ଶତପଥୀ, କସ୍ମେଟିକ୍ ଓ ଏସ୍ଥେଟିକ୍ କନସଲ୍ଟାଣ୍ଟ ଡା. ମୋନାଲିଶା ମହାପାତ୍ରଙ୍କ ସହିତ ହସ୍ପିଟାଲ୍‌ର ବରିଷ୍ଠ ଡାକ୍ତର, ପ୍ରବନ୍ଧନ ସଦସ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ନୂତନଭାବେ ଉଦଘାଟିତ ଏହି କ୍ଲିନିକ୍ ଆଧୁନିକ ପ୍ରଯୁକ୍ତି ସହିତ ସଜ୍ଜିତ। ଏହା ଚର୍ମ, କେଶ ଏବଂ ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ଏସ୍ଥେଟିକ୍ ଓ କସ୍ମେଟିକ୍ ଚିକିତ୍ସା ସେବା ପ୍ରଦାନ କରିବ। ଅଭିଜ୍ଞ ଚିକିତ୍ସକମାନଙ୍କ ମାଧ୍ୟମରେ ଏଠାରେ ଏକ ଛାତ ତଳେ ସମ୍ପୂର୍ଣ୍ଣ ଏସ୍ଥେଟିକ୍ ସମାଧାନ, ସୁରକ୍ଷା, ଗୁଣମାନ ଏବଂ ନୀତିଗତ ଚିକିତ୍ସା ପ୍ରଥା ସହିତ ପ୍ରଦାନ କରାଯିବ। ଏହି ଅବସରରେ ଡା. ଏସ୍. ସନ୍ତୋଷ କୁମାର ଡୋରା କହିଥିଲେ ଯେ, କଳିଙ୍ଗ ହସ୍ପିଟାଲ୍ ଆନ୍ତର୍ଜାତୀୟ ମାନଦଣ୍ଡର ସ୍ୱାସ୍ଥ୍ୟସେବାକୁ ଓଡ଼ିଶାର ଲୋକମାନଙ୍କ ପାଇଁ ସହଜ ଓ ସସ୍ତା କରିବା ପ୍ରତି ପ୍ରତିବଦ୍ଧ।

## ଏଏମ୍/ଏନ୍‌ଏସ୍ ଇଣ୍ଡିଆକୁ ଶ୍ରେଷ୍ଠ ନବସୃଜନ ପୁରସ୍କାର



ନୂଆଦିଲ୍ଲୀ, ୧୮।୧୨: ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍ / ଏନ୍‌ଏସ୍ ଇଣ୍ଡିଆ) କୁ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏବଂ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଜାତୀୟ ଉର୍ଜା ସଂରକ୍ଷଣ ପୁରସ୍କାର (ଏନଇସିଏ) ୨୦୨୫ ରେ ଶ୍ରେଷ୍ଠ ଉଦ୍ଭାବକ ପୁରସ୍କାରରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଶକ୍ତି ମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏହି ପୁରସ୍କାର ପ୍ରଦାନ କରିଥିଲେ। ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ତରଫରୁ ଗୁଜୁରାଟର ହାଜିରା ପ୍ଲାଣ୍ଟରେ ହଟ୍ ମେଟାଲ୍ ଡେଲିଭରିର ମୁଖ୍ୟ ବାଇଜୁ ମସରାନୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ଉର୍ଜା ସଂରକ୍ଷଣ ଦିବସ ୨୦୨୫ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା।

## ବେଦାନ୍ତ ଝାରସୁଗୁଡ଼ାର 'ସେଫ୍ଟି ଅନ୍ ହ୍ୱିଲ୍ସ-ସୁରକ୍ଷା ସଫର'





ଭୁବନେଶ୍ୱର , ୧୮।୧୨: ବେଦାନ୍ତ ଆଲୁମିନିୟମ ଏହାର ସୁରକ୍ଷା-ପ୍ରଥମ ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ଏହାର ଝାରସୁଗୁଡା ସୁବିଧାରେ 'ସେଫ୍ଟି ଅନ୍ ହ୍ୱିଲ୍ସ - ସୁରକ୍ଷା ସଫର' ଏକ ସୁରକ୍ଷା ପଦକ୍ଷେପ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ବ୍ୟବସାୟିକ ଅଂଶୀଦାର ପରିବହନ ବସ୍‌ରେ ଏକ ଅନ୍‌ବୋର୍ଡ ଡିସପ୍ଲେ ସିଷ୍ଟମ୍ ରହିଛି, ଯାହା ଦୈନନ୍ଦିନ ଯାତାୟାତ ସମୟରେ କାର୍ଯ୍ୟ-କ୍ଷେତ୍ର-ନିର୍ଦ୍ଦିଷ୍ଟ ସୁରକ୍ଷା ଭିଡିଓଗୁଡ଼ିକୁ ନିରନ୍ତର ସ୍କ୍ରିନିଂ କରିଥାଏ। ନିୟମିତ ଯାତ୍ରାରେ ସୁରକ୍ଷା

ଯୋଗାଯୋଗକୁ ସନ୍ନିବେଶ କରି, କମ୍ପାନୀ ସୁରକ୍ଷା ସଚେତନତାକୁ ଦୈନନ୍ଦିନ ଅଭିଜ୍ଞତାର ଏକ ଅବିଚ୍ଛେଦ୍ୟ ଅଂଶ କରିବାକୁ ଲକ୍ଷ୍ୟ ରଖିଛି, ଦୋକାନ ବାହାରେ ନିରାପଦ ଆଚରଣକୁ ସୁଦୃଢ଼ କରିଥାଏ। ନିରନ୍ତର ନିୟୋଜିତତା ଏବଂ ଅଭିନବ ହସ୍ତକ୍ଷେପ ଦ୍ୱାରା ସୁରକ୍ଷା ବେଦାନ୍ତ ଆଲୁମିନିୟମରେ ଏକ ମୂଳ ମୂଲ୍ୟ ରହିଛି। ଅନବୋର୍ଡ ଡିସପ୍ଲେ ସିଷ୍ଟମ ଯାତ୍ରା ସମୟରେ କ୍ୟୁରେଟେଡ୍, କାର୍ଯ୍ୟକ୍ଷେତ୍ର ନିର୍ଦ୍ଦିଷ୍ଟ ସୁରକ୍ଷା ଭିଡିଓ ସ୍କ୍ରିନ୍ କରେ, ପ୍ରାସଙ୍ଗିକତା, ବ୍ୟବହାରିକ ପ୍ରଯୁଜ୍ୟତା ଏବଂ ନିରନ୍ତର ସମ୍ପର୍କ ସୁନିଶ୍ଚିତ କରେ।

## ନିସାନର ୭-ସିଟର ବି-ଏମପିଭି 'ଗ୍ରାଭିଟେ'



ଭୁବନେଶ୍ୱର,୧୮।୧୨(ସମିସ): ୨୦୨୬ ଆରମ୍ଭରେ ବଜାରରେ ଉପଲବ୍ଧ ହେବାକୁ ଯାଉଛି ନିସାନର ନୂଆ ଗେମ୍-ଚେଞ୍ଜିଙ୍ଗ ୭-ସିଟର ବି-ଏମ୍‌ପିଭି ଗ୍ରାଭିଟେ। ଏହା ହେଉଛି ଭାରତ ପାଇଁ ଉକ୍ତ ବ୍ରାଣ୍ଡର ନୂତନ ଓ ରଣନୈତିକ ଭାବେ ନିର୍ମିତ ଶୃଙ୍ଖଳା ଅଧୀନରେ ଲଞ୍ଚ୍ କରାଯିବାକୁ ଥିବା ପ୍ରଥମ ଉତ୍ପାଦ। ଆଧୁନିକ ଭାରତୀୟ ପରିବାରଗୁଡିକ ପାଇଁ ନିର୍ମିତ ନିସାନ ଗ୍ରାଭିଟେ ଚମତ୍କାର ବିବିଧତା ଓ ମଡ୍ୟୁଲାରିଟି ପ୍ରଦାନ କରୁଛି। ଜୁଲାଇ ୨୦୨୪ରେ ନିସାନ ମୋଟର ଇଣ୍ଡିଆର ମହତ୍ୱାକାଂକ୍ଷୀ ଉତ୍ପାଦ ରଣନୀତିରେ ୨ୟ ମଡେଲ ଭାବେ ଘୋଷଣା କରାଯାଇଥିବା ଗ୍ରାଭିଟେ କମ୍ପାନୀର ଅଭିବୃଦ୍ଧି ବେଗକୁ ସୂଚିତ କରୁଛି। ଏହି ଉତ୍ପାଦର ରୋଡମ୍ୟାପରେ ୨୦୨୬ ଆରମ୍ଭରେ ଗ୍ରାଭିଟିର ଲଂଚ, ଏହାପରେ ୨୦୨୬ ମଧ୍ୟଭାଗରେ ଟେକ୍‌ଟନ ଏବଂ ୨୦୨୭ ଆରମ୍ଭରେ ଏକ ୭-ସିଟର ସି-ଏସୟୁଭିର ଲଞ୍ଚ ସାମିଲ ରହିଛି।

